## ସଂକ୍ଷେପରେ

### କାରକୁ ଧକ୍କା ଦେଇ ଘୋଷାରି ନେଲା ଟ୍ରକ୍

ପାଟଣା,୬।୭(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ର ଝାରବେଡ଼ା ନିକଟରେ ଗୁରୁବାର ଏକ ଟ୍ରକ୍ କାରକୁ ଧକ୍କା ଦେଇ ଘୋଷାରି ନେଇଥିଲା। କାରର ସମ୍ମୁଖ ଭାଗ ଭାଙ୍ଗିଯାଇଥିବା ବେଳେ କାହାର କୌଣସି କ୍ଷତି ହୋଇନାହିଁ। ସୂଚନା ଅନୁଯାୟୀ, ଏକ କାର୍ ଝାରବେଡ଼ା ସର୍ଭିସ ରୋଡ୍‌ରୁ ଏନ୍‌ଏଚ୍‌କୁ ଉଠୁଥିଲା। ଏହି ସମୟରେ ମୟୂରଭଞ୍ଜ ଜିଲା ସିଙ୍ଗିଡ଼ା ପାର୍ଶ୍ୱରୁ ଆସୁଥିବା ଟ୍ରକ୍ କାର୍‌କୁ ଧକ୍କା ଦେଇ ଘୋଷାରି ନେଇଥିଲା। ଫଳରେ କାର୍ ଡ୍ରାଇଭର ଅନିଲ ସାହୁ ଏକ ଆସନ୍ନ ବିପତ୍ତିରୁ ଅଳ୍ପକେ ବର୍ତ୍ତିଯାଇଥିଲେ ହେଁ ଆହତ ହୋଇଛନ୍ତି। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ଅଦ୍ଭୁତ ଯୋଡ଼ା ଶିଶୁ ଜନ୍ମ

ମୋରଡ଼ା,୬।୭(ସ୍ୱାରକ ମାଜୀ)- ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଏକ ଅଦ୍ଭୁତ ଯୋଡ଼ା ଶିଶୁ ଜନ୍ମ ନେଇଥିଲା। ଶିଶୁଟିର ପେଟଠାରୁ ମୁଣ୍ଡ ପର୍ଯ୍ୟନ୍ତ ଯୋଡ଼ି ହୋଇଥିବା ବେଳେ ହାତଗୋଡ଼ ସବୁ ଅଲଗାଥିଲା। ମୋରଡ଼ା ବ୍ଲକ୍‌ର ଦାନ୍ତିଆମୁହାଁ ଗ୍ରାମର ଅମିତ ଥ୍ୟାଲଙ୍କ ପତ୍ନୀ ବିନତା ନାଏକ ମଙ୍ଗଳବାର ରାତି ୧୧ଟାରେ ପିଆରଏମଏମସିଏଚରେ ଶିଶୁଟିକୁ ଜନ୍ମ ଦେଇଥିଲେ। ଯୋଡ଼ା ପୁତ୍ର ସନ୍ତାନର ହୃଦ୍‌ସ୍ପନ୍ଦନ ଚାଲିଥିବା ବେଳେ ୧୫ ମିନିଟ୍ ପରେ ଶିଶୁର ମୃତ୍ୟୁ ଘଟିଯାଇଥିଲା। ପରିବାର ଲୋକେ ମୃତଦେହ ଗ୍ରହଣ କରିବାକୁ ରାଜି ନ ହୋଇ ଘରକୁ ଚାଲିଯାଇଥିଲେ। ଗୁରୁବାର ହସ୍ପିଟାଲ କର୍ତ୍ତୃପକ୍ଷ ମେଡିକାଲ ଛାତ୍ରୀଛାତ୍ରଙ୍କ ଗବେଷଣା ଲାଗି ପିଆରଏମ ମେଡିକାଲ କଲେଜକୁ ମୃତଦେହକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚାର ଦାବିପତ୍ର

ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଡୁଆଲ)/ଉଦଳା(ସନ୍ତୋଷ କୁମାର ବାଛିନୀ), ୬।୭:ମୟୂରଭଞ୍ଜ ଜିଲା ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବିରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ କପ୍ତିପଦା ଉପ ଜିଲାପାଳ ସୁଶାନ୍ତ କୁମାର ବାରିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ ସରକାର ଆଦିବାସୀଙ୍କ ଆର୍ଥିକ ବିକାଶ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ବାସ୍ତବରେ ବିକାଶ କାଗଜ କଲମରେ ସୀମିତ ରହୁଛି। ଆଦିବାସୀ ଉନ୍ନୟନ ସମବାୟ ନିଗମ ଏବେ ପୁରା ସ୍ଥାଣୁ ପାଲଟି ଯାଇଛି। ଏହାର ଲକ୍ଷ୍ୟ ଥିଲା ଆଦିବାସୀଙ୍କ ଜଙ୍ଗଲ ଜାତ ଦ୍ରବ୍ୟକୁ ସରକାରୀ ମୂଲ୍ୟରେ କିଣିଲେ ଆଦିବାସୀଙ୍କ ଅର୍ଥନୀତି ଆଭିବୃଦ୍ଧି ହେବ। ଉଦଳା ଆଦିବାସୀ ଉନ୍ନୟନ ନିଗମ କର୍ମଚାରୀ କେବଳ ଔପଚାରିକତା ପାଇଁ ରହିଛନ୍ତି। ଫଳରେ ଜଙ୍ଗଲ ଜାତ ଦ୍ରବ୍ୟର କଳାବଜାରୀ ସହିତ ଆଦିବାସୀମାନେ ଉଚିତ ମୂଲ୍ୟ ପାଉନାହାନ୍ତି। ନିଗମର ବାସ୍ତବ ନବକଳେବର ହୋଇପାରିଲେ ଆଦିବାସୀଙ୍କ ଆର୍ଥିକ ବିକାଶ ସହିତ ଶିମିଳିପାଳ ସୁରକ୍ଷା ହୋଇପାରିବ। ସଂଗଠନ ସଭାପତି ନିଗମର ନବକଳେବର କରାଯାଉ ବୋଲି ଦୃଢ଼ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ। ଦାବିପତ୍ର ପ୍ରଦାନ ସମୟରେ ଗଣେଶ କିସ୍କୁ, ବାପି ମୁର୍ମୁ, ଶ୍ରୀଧର ଟୁଡୁ, ସୋମରାୟ ଟୁଡୁ, ମଧୁ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗ୍ୟ ପାଉନାହାନ୍ତି, ଅଯୋଗ୍ୟ ହାତଉଛନ୍ତି

■ଆବାସ ଯୋଜନାରୁ ବଞ୍ଚିତ ପ୍ରକୃତ ହିତାଧିକାରୀ
■ଜିଲାପାଳଙ୍କୁ ଭେଟି ଅଭିଯୋଗ କଲେ ଗ୍ରାମବାସୀ

ବାରିପଦା, ୬।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ପଞ୍ଚାୟତ କଦଳିଆ ଓ ପାଇକ ଯୁଗପୁରା ଗ୍ରାମର ପ୍ରକୃତ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ବିଡିଓଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଚାଳ ଛପର ଘରେ ରହୁଥିବା ହିତାଧିକାରୀଙ୍କ ନାମ ତାଲିକାରୁ କାଟି ଦିଆଯାଇଥିବା ବେଳେ ଦୁଇ ମହଲା ନିର୍ମାଣାଧୀନ କୋଠାଘରକୁ କାର୍ଯ୍ୟାଦେଶ ଦିଆଯାଇ ପ୍ରଥମ ପର୍ଯ୍ୟାୟ ଟଙ୍କା ପ୍ରଦାନ କରାଯାଇଛି। ଯୋଗ୍ୟ ଘର ପାଉନାହାନ୍ତି, ହେଲେ ଅଯୋଗ୍ୟ ହାତଉଛନ୍ତି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲାପାଳ ଘଟଣାର ତଦନ୍ତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ହେଁ ଅଭିଯୋଗକାରୀମାନେ ତାଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଏହି ପଞ୍ଚାୟତର ୱାର୍ଡ ନଂ. ୧୦ ଓ ୧୧ରେ ରହୁଥିବା ଲୋକେ ଆବାସ ଯୋଜନାରେ ଆବେଦନ କରିଥିଲେ। ତାଲିକା ପ୍ରକାଶ ପାଇବା ପରେ କ୍ଷେତ୍ର ପରିଦର୍ଶନ ନ କରି ମନମୁଖି ଭାବେ ବାଦ୍ ଦିଆଯାଇଥିବା ଅଭିଯୋଗ ଆଣି ଯୋଗ୍ୟ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ୨୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ରହୁଥିବା ଘର ଫଟୋ ଆଣି ଦେଖାଇଥିଲେ। ଏହାର ତଦନ୍ତ କରିବା ପାଇଁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ବିନତି ରାଉତ, ପୁଷ୍ପଲତା ରାଉତ ଓ ଗୀତାଞ୍ଜଳି ରାଉତ କହନ୍ତି, ଦୁଇ ମହଲା କୋଠା କରିଥିବା ଲୋକଙ୍କୁ କାର୍ଯ୍ୟାଦେଶ ଦିଆଯାଇ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଚନ୍ଦ୍ରମୋହନ ମହାନ୍ତ, ଟୁନି ସିଂ, ରବି ନାରାୟଣ ଜେନା କହନ୍ତି, ଅଧିକାରୀ ଓ ଜନପ୍ରତିନିଧି ଅର୍ଥ ଲୋଭରେ ଅଯୋଗ୍ୟଙ୍କୁ ଆବାସ ଯୋଜନାରେ ସାମିଲ କରୁଛନ୍ତି। ଶାସକ ଦଳର କର୍ମୀ ଓ ସେମାନଙ୍କ ସହଯୋଗୀଙ୍କ ଇଙ୍ଗିତରେ ତାଲିକାରୁ ନାମ କାଟି ଦେଉଛନ୍ତି। ଏପରିକି ପରିତ୍ୟକ୍ତ ଭଙ୍ଗାରୁଜା ଘରକୁ ଦର୍ଶାଇ ଆବାସ ଯୋଜନାକୁ ବାଟମାରଣା କରୁଥିବାର ସରକାରୀ ଦସ୍ତାବିଜ ସହ ଫଟୋଚିତ୍ରକୁ ଦେଖାଇଛନ୍ତି। ଗରିବ ଲୋକ ଆବାସ ପାଇଁ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ବେଳେ ସେମାନଙ୍କୁ ଅବହେଳା କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ସେହିପରି ୫ନଂ. ୱାର୍ଡ ଦୁର୍ଗାପୁର ଗ୍ରାମର ହରପ୍ରିୟା ରାଉତ, ଯୁଗନନ୍ଦ ଜେନା, ସର୍ବେଶ୍ୱର ବେହେରା, ଧବ ବେହେରା, ବିକାଶ ସିଂହ, ସଞ୍ଜୁ ସିଂ, ଯମୁନା ସିଂ, ସାବିତ୍ରୀ ମହାପାତ୍ର, ସୁମତି ସିଂ, ଦେବୀ ସିଂ ପ୍ରମୁଖ ଆବାସ ଯୋଜନାରୁ ବଞ୍ଚିତ ହେବା ପରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।


ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀମାନେ।

# ଆବାସ କାର୍ଯ୍ୟାଦେଶ ମିଳିଛି, ପ୍ରଥମ କିସ୍ତି ଆସୁନି

କାର୍ଯ୍ୟ କରିପାରୁନାହାନ୍ତି ହିତାଧିକାରୀ

ଆନନ୍ଦପୁର,୬।୭(ସନ୍ତୋଷ ରାଉତ)

ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ସହିତ ପ୍ରଥମ କିସ୍ତି ମିଳିବାର ବ୍ୟବସ୍ଥା ରହିଛି। ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାରେ ଦାଖଲ ହେବା କଥା। ମାତ୍ର ଆନନ୍ଦପୁର ବ୍ଲକ୍‌ରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ୧୫ ଦିନ ହେବ କାର୍ଯ୍ୟାଦେଶ ମିଳିଥିଲେ ବି ପ୍ରଥମ କିସ୍ତି ଟଙ୍କା ଏପର୍ଯ୍ୟନ୍ତ ଆସିନାହିଁ। ଫଳରେ ଦିବ୍ୟାଙ୍ଗ ହିତାଧିକାରୀ ଘର କାର୍ଯ୍ୟ ଆରମ୍ଭ କରିପାରୁନାହାନ୍ତି। ଆନନ୍ଦପୁର ବ୍ଲକ୍ ମୋଚିନ୍ଦା ପଞ୍ଚାୟତ ମୋଚିନ୍ଦା ଗ୍ରାମର ଆନନ୍ଦ ସାହୁଙ୍କ ପୁଅ ଦିବ୍ୟାଙ୍ଗ ପ୍ରଭାତ କୁମାର ସାହୁଙ୍କ ନାମରେ କାର୍ଯ୍ୟାଦେଶ ସଂଖ୍ୟା ଓଡି/୦୩/୦୦୮/୫୦୩୪/୨୨-୨୩ ଅନୁଯାୟୀ ୧୯ ଜୁନ ୨୦୨୩ରେ ଆବାସ କାର୍ଯ୍ୟାଦେଶ ଆସିଛି। ମାତ୍ର ଅଦ୍ୟାବଧି ତାଙ୍କ ବ୍ୟାଙ୍କ ଜମାଖାତାକୁ ପ୍ରଥମ କିସ୍ତିର ଅର୍ଥ ଆସିନାହିଁ। ଫଳରେ ହିତାଧିକାରୀଙ୍କ ପକ୍ଷରୁ ଆବାସ କାର୍ଯ୍ୟ ଆରମ୍ଭ କରିବାରେ ସମସ୍ୟା ସୃଷ୍ଟି ହେଉଛି। କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ ଗୃହ କାର୍ଯ୍ୟ ଶେଷ କଲେ ରାଜ୍ୟ ସରକାରଙ୍କ ତରଫରୁ ୨୦ ହଜାର ଟଙ୍କା, ୬ ମାସ ମଧ୍ୟରେ ଶେଷ ହେଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ମିଳିବାର ବ୍ୟବସ୍ଥା ରହିଛି। ଏଭଳି କ୍ଷେତ୍ରରେ ହିତାଧିକାରୀ ପ୍ରୋତ୍ସାହନ ରାଶିରୁ ବଞ୍ଚିତ ହେବାର ସମ୍ଭାବନା ରହିଛି। ଏନେଇ ପ୍ରଭାତଙ୍କ ବାପା ଆନନ୍ଦ ସାହୁ ଭିଏଲଡବ୍ଲ୍ୟୁଙ୍କୁ ସାକ୍ଷାତ କରି କାରଣ ପଚାରିବାରୁ ଦୁର୍ବ୍ୟବହାରର ଶିକାର ହୋଇଥିବା କହିଛନ୍ତି। ଏ ନେଇ ସେ ଆନନ୍ଦପୁର ଉପଜିଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି।


ଦିବ୍ୟାଙ୍ଗ ହିତାଧିକାରୀ ପ୍ରଭାତ ସାହୁ।

ଅଭିଯୋଗର କପି ଜିଲାପାଳ, ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି। ଅଭିଯୋଗକୁ ଆଧାର କରି ଘଟଣା ଦିଗରେ ତଦନ୍ତ ପୂର୍ବକ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଅନିଲ କୁମାର ସେଠୀ କହିଛନ୍ତି। ସୂଚନାଯୋଗ୍ୟ, ପ୍ରଭାତ ଜଣେ ମେଧାବୀ ଛାତ୍ର। ପରିବାରର ସମସ୍ୟାକୁ ନେଇ ଆବାସ ତାଲିକାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ପୂର୍ବରୁ ୫-ଟି ସଚିବଙ୍କ ନିକଟରେ ନିବେଦନ କରିଥିଲେ। ପରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ନିବେଦନ କରିଥିଲେ। ବ୍ଲକ୍ କର୍ତ୍ତୃପକ୍ଷ ଆବଶ୍ୟକ ତଦନ୍ତ ପରେ ଆବାସ କାର୍ଯ୍ୟାଦେଶ ମଞ୍ଜୁର କରିଥିଲେ।

# 'ସାମର୍ଥ୍ୟ ଅନୁଯାୟୀ ସେବା କାର୍ଯ୍ୟରେ ନିୟୋଜିତ ହେବା ଆବଶ୍ୟକ'



ରାଜ୍ୟ ସଂହତି ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ବାଲେଶ୍ୱର,୬।୭ (ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଜାତୀୟ ସେବା ଯୋଜନାର ୫ ଦିନିଆ ରାଜ୍ୟ ସଂହତି ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ମୋଟ୍ ୧୪ଟି ବିଶ୍ୱବିଦ୍ୟାଳୟରୁ ୨୦୦ ସ୍ୱେଚ୍ଛାସେବୀ ଏବଂ ୪୦ ଜଣ ପ୍ରୋଗ୍ରାମିଙ୍ଗ ଅଫିସର ଅଂଶଗ୍ରହଣ କରିଥିଲେ। ଶିବିରରେ ସ୍ୱେଚ୍ଛାସେବୀମାନଙ୍କୁ ଯୋଗ, ପ୍ରାଥମିକ ଚିକିତ୍ସା, କ୍ରୀଡ଼ା, ଆତ୍ମରକ୍ଷା, କ୍ୟାରିୟର କାଉନସେଲିଂ, ସାଇବର କ୍ରାଇମ୍‌ଠାରୁ ଆରମ୍ଭ କରି ନିଶା ନିବାରଣ ଓ କୈଶୋର ପରି ବିଷୟକୁ ନେଇ ସତ୍ରମାନ ଆୟୋଜନ କରାଯାଇଥିଲା।

ଉଦ୍‌ଯାପନୀ ସମାରୋହରେ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗର ଅଧ୍ୟାପିକା ଡ.ସ୍ୱାତି ପାଢ଼ୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ନିଜ ସାମର୍ଥ୍ୟ ହିସାବରେ ଆବଶ୍ୟକ ସ୍ଥଳେ ଆମେ ସେବା କାର୍ଯ୍ୟରେ ନିୟୋଜିତ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ଯୋଜନାର ରାଜ୍ୟ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ସବୁ କାର୍ଯ୍ୟରେ ଆଗଭର ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେସ ଚନ୍ଦ୍ର ଅଧିକାରୀ, ଜାତୀୟ ସେବା ଯୋଜନାର ଜିଲା ସଂଯୋଜକ ଗୌରାଙ୍ଗ ପଣ୍ଡା ଶିବିର ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ବିଶ୍ୱବିଦ୍ୟାଳୟର ଦୁଇ ପ୍ରୋଗ୍ରାମିଙ୍ଗ ଅଫିସର ଡ. ପ୍ରତିମା ପ୍ରଧାନ ଓ ଡ. ଜଗନ୍ନାଥ ବେହେରା ମଞ୍ଚରେ ଉପସ୍ଥିତ ଥିଲେ। ଶିବିରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ବିଶ୍ୱବିଦ୍ୟାଳୟମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ବାହାନଗା ଟ୍ରେନ ଦୁର୍ଘଟଣା ଉପରେ ଆଧାରିତ ଏକ ନାଟକ ପ୍ରଦର୍ଶନ କରାଯାଇଥିଲା। ସଭାରେ ଡ. ପ୍ରତିମା ପ୍ରଧାନ ଶିବିରର ବିବରଣୀ ପାଠ କରିଥିବା ବେଳେ ଶିବିର ସଂଯୋଜକ ଅମୂଲ୍ୟ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବେଶ ସୁରକ୍ଷା ପାଇଁ ଛାତ୍ରୀଛାତ୍ର ନେଲେ ଶପଥ

ବିଶୋଇ,୬।୭ (ଅମିତ ଦାସ)

ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ସରଗଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୪ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନିକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ତଥା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କ୍ଷୀରଦ ଚନ୍ଦ୍ର ସିଂଙ୍କ ମାର୍ଗଦର୍ଶନରେ ସରଗଡା ବନପାଳ ଜୀବନ ବଲ୍ଲଭ ପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରଗଡା ସରପଞ୍ଚ ଶକୁନ୍ତଳା ମୁର୍ମୁ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ ମହାନ୍ତ ବୃକ୍ଷରୋପଣର ଉପକାରିତା ବିଷୟରେ ସଚେତନ କରାଇଥିଲେ। ବନପାଳ ପାତ୍ର 'ଗଛଟିଏ, ଜୀବନ ଟିଏ' ବାର୍ତ୍ତା ଦେଇ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ପରିବେଶ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବନରକ୍ଷୀ ମାନସ ରଞ୍ଜନ ମହାକୁଡ଼, ଲଳିତ ମହାନ୍ତ, ତରଙ୍ଗିନୀ ମହାନ୍ତ, ବିଦ୍ୟାଳୟର ଶିକ୍ଷକ କାହ୍ନୁଚରଣ ଟୁଡୁ, ନିରୂପମା ପାତ୍ର, ଦୁର୍ଯ୍ୟୋଧନ ସିଂ, ବର୍ଷାରାଣୀ ଗିରି, ଜାନକୀ ମହାନ୍ତ, ବାସନ୍ତୀ ହାଁସଦା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଏମ୍‌ପିଙ୍କ ଦ୍ୱାରା 'ଜୀବନ ତରଣୀ' ଲୋକାର୍ପିତ


ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ସହ ଅନ୍ୟ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଭଦ୍ରକ, ୬।୭ (ରବିନାରାୟଣ ଖିଲାର )

ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ତଥା ଅବସରପ୍ରାପ୍ତ ନରେନ୍ଦ୍ର କୁମାର ମହାନ୍ତିଙ୍କ ୫୦ତମ ବିବାହ ବାର୍ଷିକୀ ପରିପ୍ରେକ୍ଷୀରେ ଭଦ୍ରକ ଡିଆର୍‌ଡିଏ ସମ୍ମୁଖ ନରେନ୍ଦ୍ର ରୟାଲ୍ସ ମଣ୍ଡପରେ ତାଙ୍କ ଆତ୍ମଜୀବନୀ 'ଜୀବନ ତରଣୀ' ପୁସ୍ତକ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଶିକ୍ଷାବିତ୍ ପଣ୍ଡିତ ଦୈତାରି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୁସ୍ତକଟିକୁ ଲୋକାର୍ପଣ କରି ଏମ୍‌ପି ମଣ୍ଡଳ କହିଥିଲେ, ଆଦର୍ଶ ଶିକ୍ଷକଙ୍କ ପଥ ଅନୁସରଣ କରି ପୂଜ୍ୟପୂଜାକୁ ସମ୍ମାନ ଦେଇ ଘରେ ଘରେ ମାତାପିତାଙ୍କୁ ପ୍ରତ୍ୟକ୍ଷ ଦେବତା ଭାବେ ପୂଜା କଲେ ନିଶ୍ଚିତ ଭାବେ ସୁସ୍ଥ ସବଳ ଓ ସଂସ୍କାରମୟ ସମାଜ ଗଠନ ହୋଇପାରିବ। ବରେଣ୍ୟ ଅତିଥି ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସ୍ୱତନ୍ତ୍ର ଅତିଥି ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ପୂର୍ବତନ ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ହରେକୃଷ୍ଣ ପାଢ଼ୀ, ରାମଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ମହାନ୍ତି, ସ୍ୱପ୍ନାରାଣୀ ରାଉତରାୟ, ଖବରଦାତା ପ୍ରମୋଦ ରାୟ, ସରିତା ମହାନ୍ତି, ଶିକ୍ଷକ ଧର୍ମେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ଶେଷରେ ପଣ୍ଡିତ ସୁବାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କଂକ୍ରିଟ୍ ରାସ୍ତାରେ ଫସିଲା ପରିବା ବୋଝେଇ ଗାଡ଼ି

ଆନନ୍ଦପୁର ପୌରାଞ୍ଚଳର ରାସ୍ତା ବିପର୍ଯ୍ୟସ୍ତ

କୋଡ଼ପଡ଼ା,୬।୭(ରଞ୍ଜିତ୍ କୁମାର ରଣା)

କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ୱାର୍ଡର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ଗୁରୁବାର ଏକ ପରିବା ବୋଝେଇ ଗାଡ଼ି ଦୁର୍ଘଟଣାର ଶିକାର ହୋଇଛି। କଂକ୍ରିଟ୍ ରାସ୍ତାରେ ହୋଇଥିବା ଖାଲରେ ଚକା ଫସି ଦୀର୍ଘ ୪୫ ମିନିଟ୍ ଅଟକି ରହିଥିଲା।

ସୂଚନାଯୋଗ୍ୟ, ଆନନ୍ଦପୁର ପୌରପରିଷଦର ପ୍ରତ୍ୟେକ ୱାର୍ଡ଼ରେ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ପକାଇବାକୁ କଂକ୍ରିଟ୍ ରାସ୍ତା ଖୋଳାଯାଉଛି। କାମ ପରେ କଂକ୍ରିଟ୍ ନକରି ମାଟି ପକାଇ ଠିକାସଂସ୍ଥା ଚାଲିଯାଉଛି। ବର୍ଷା ହେବା ଫଳରେ ମାଟି ଦବିଯାଇ ଖାଲଖମାରେ ପରିଣତ ହେଉଛି। ପଦ୍ମପୁର ୧ନଂ. ୱାର୍ଡ଼ରୁ ଏକ ପରିବା ବୋଝେଇ ଗାଡ଼ି ହାଟକୁ ଯାଉଥିବା ବେଳେ କଂକ୍ରିଟ୍ ରାସ୍ତାରେ ହୋଇଥିବା ଖାଲରେ ପଛ ଚକା ଦବି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ି ବାହାରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ପୌରପରିଷଦରେ ବିବାଦ ଲାଗି ରହିଥିବାରୁ ଉନ୍ନୟନ କାର୍ଯ୍ୟ ଆଗେଇ ପାରୁନି। ଏଭଳି ସ୍ଥଳରେ ପୌର ଅଞ୍ଚଳରେ ରାସ୍ତା, ପରିମଳ ବ୍ୟବସ୍ଥା ବିଗିଡ଼ି ଯାଇଛି। ଉପ-ଜିଲାପାଳ ଅନିଲ କୁମାର ସେଠୀଙ୍କୁ ଏବାବଦରେ ପଚାରିବାରୁ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଶୀଘ୍ର ଏହାର ସମାଧାନ କରିବେ ବୋଲି ମତ ପ୍ରକାଶ କରିଥିଲେ।




# ବିଧାୟକ,ବିଡିଓଙ୍କ ମହାବିଦ୍ୟାଳୟ ପରିଦର୍ଶନ

ରୂପସା,୬।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପ୍‌ସା ନୀଳମଣି ମହାବିଦ୍ୟାଳୟକୁ ବିଧାୟକ ସ୍ୱରୂପ କୁମାର ଦାସ ଓ ବିଡିଓ ନରେନ୍ଦ୍ର ଖମାରୀ ଗୁରୁବାର ପରିଦର୍ଶନ କରିଛନ୍ତି। ୫-ଟି ରୂପାନ୍ତରୀକରଣ ଲାଗି ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ଗୋଲକମଣି ମହିଳା ମହାବିଦ୍ୟାଳୟକୁ ୨୫ ଲକ୍ଷ, ଶାନ୍ତିଲତା ମହାବିଦ୍ୟାଳୟକୁ ୫୦ ଲକ୍ଷ ଓ ନୀଳମଣି ମହାବିଦ୍ୟାଳୟକୁ ୭୫ ଲକ୍ଷ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏନେଇ ପରିଚାଳନା ପରିଷଦ ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ଦାସ ଓ ବିଡିଓ ଖମାରୀ କଲେଜର ଭିତ୍ତିଭୂମି ବିକାଶ ସହ ସ୍ମାର୍ଟ କ୍ଲାସ ଏବଂ କିଭଳି ସୌନ୍ଦର୍ଯ୍ୟକରଣ ବୃଦ୍ଧି ହେବ, ପିଲାମାନଙ୍କୁ କିପରି ଉତ୍ତମ ଶିକ୍ଷା ପ୍ରଦାନ କରାଯିବ ସେ ଦିଗରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ଦିଗରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ବିଜୁ ଯୁବ ଜନତା ଦଳର ସଭାପତି ଦିଲୀପ ମହାନ୍ତି, ସମିତିସଭ୍ୟ ପ୍ରତିନିଧି ବଂଶୀଧର ପଣ୍ଡା, ସରପଞ୍ଚ ପ୍ରତିନିଧି ଜଗଦୀଶ ବେହେରା, ବିନୟ କୁମାର ବେହେରା, ଦେବବ୍ରତ ବିଶ୍ୱାଳ, ସନ୍ତୋଷ ପରିଡ଼ାଙ୍କ ସମେତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ, ପ୍ରାକ୍ତନ ଛାତ୍ର ସଂସଦ କର୍ମକର୍ତ୍ତା, ଅଣ ଶିକ୍ଷକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ବିଧାୟକ,ବିଡିଓ ଓ କଲେଜ କର୍ତ୍ତୃପକ୍ଷ।

# କାନ୍ତକବିଙ୍କ ଜନ୍ମପୀଠର ହେବ ଉନ୍ନତୀକରଣ

ପରିଦର୍ଶନ କଲେ ଡେପୁଟି କଲେକ୍ଟର

ତିହିଡ଼ି,୬।୭(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ଗ୍ରାମସ୍ଥିତ କାନ୍ତକବିଙ୍କ ଜନ୍ମପୀଠର ଉନ୍ନତୀକରଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଏହି ପରିପ୍ରେକ୍ଷୀରେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ବୁଧବାର କାନ୍ତକବିଙ୍କ ଜନ୍ମପୀଠ ପରିଦର୍ଶନ କରିଛନ୍ତି। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମପୀଠ ଦୀର୍ଘବର୍ଷ ଧରି ଅବହେଳିତ ହୋଇରହିଥିଲା। ଧାମନଗରର ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟାରେ କାନ୍ତକବି ସ୍ମୃତି ମନ୍ଦିର ନିର୍ମାଣ ସହ ସମାଧି ପୀଠର ଉନ୍ନତି ହୋଇଥିଲା। ଏବେ ପୀଠରେ କାନ୍ତକୁଟୀର ନିର୍ମାଣ ହେବ। କାନ୍ତକବି ବ୍ୟବହାର କରୁଥିବା ବାଦ୍ୟଯନ୍ତ୍ର ଏଥିରେ ଶୋଭା ପାଇବ। କାନ୍ତକବିଙ୍କ ରଚିତ ପୁସ୍ତକଗୁଡ଼ିକୁ ରଖାଯିବ। ଏଥିସହ ସମାଧି ପୀଠରୁ କାନ୍ତକୁଟୀର ଯାଏ ରାସ୍ତାର ଉନ୍ନତୀକରଣ ଓ ଆଲୋକୀକରଣ ବ୍ୟବସ୍ଥା କରାଯିବ। ବିଭିନ୍ନ ସମୟରେ ପୀଠସ୍ଥଳରେ ଆୟୋଜନ ହେଉଥିବା ସଭା ପାଇଁ ଏକ ସ୍ଥାୟୀ ମଣ୍ଡପ ମଧ୍ୟ ନିର୍ମାଣ କରାଯିବାର ଯୋଜନା ରହିଛି। ଏହି ପୀଠର ବିକାଶ ନିମନ୍ତେ ମୋଟ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ଲକ୍ଷ ଯୋଗାଇ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାଯାଇଛି।

ଡେପୁଟି କଲେକ୍ଟର ମଣ୍ଡଳଙ୍କ ସହ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଡିଓ ଜ୍ୟୋତିର୍ମୟ କର, ସହକାରୀ ଯନ୍ତ୍ରୀ ଟିକଚାନ୍ଦ କାଲୋ, ଜିଲା ପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ, କାନ୍ତକବି ସ୍ମୃତି ପରିଷଦର ସଭାପତି ଚିନ୍ତାମଣି ଦାସ, ସାଧାରଣ ସମ୍ପାଦକ ବାଣୀକଲ୍ୟାଣ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଉତ୍ତମ କୁମାର ସାହୁ, ସୁଧାଂଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

## ଛତୁ ଖାଇ ପରିବାରର ୬ ଅସୁସ୍ଥ

ଭଦ୍ରକ,(ସନାତନ ରାଉତ)-ଭଦ୍ରକ ବ୍ଲକ ଅଧୀନ ରାହାଞ୍ଜ ଗ୍ରାମରେ ଗୁରୁବାର ଛତୁ ତରକାରି ଖାଇ ଏକ ପରିବାରର ୬ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୪ ପିଲା ଓ ୨ ମହିଳା ଅଛନ୍ତି। ସମସ୍ତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉକ୍ତ ଗ୍ରାମର କନକଲତା ମହାରଣାଙ୍କ ପରିବାର ମଧ୍ୟାହ୍ନରେ ଛତୁ ତରକାରି କରି ଖାଇଥିଲେ। ଖାଇବାର କିଛି ସମୟ ପରେ ସେମାନଙ୍କର ମୁଣ୍ଡ ବୁଲାଇବା ସହ ବାନ୍ତି ଅନୁଭବ କରିଥିଲେ। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ସ୍ଥାନୀୟ ଅଞ୍ଚଳରୁ ଛତୁ ତୋଳି ଆଣିଥିଲେ ବୋଲି ଉକ୍ତ ପରିବାର ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ୩ ମୃତ

ବାଲେଶ୍ୱର,(ମାନସ ବିଶ୍ୱାଳ)/ଜଳେଶ୍ୱର (ରବିନାରାୟଣ ପାତ୍ର),୬ା୭- ବାଲେଶ୍ୱର ରେଳବାଇ ଥାନା ପୋଲିସ ଟ୍ରେନରେ କଟି ମୃତ୍ୟୁବରଣ କରିଥିବା ୩ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଅପମୃତ୍ୟୁ ମାମଲା (ନଂ. ୫୫, ୫୬, ୫୭/୨୦୨୩) ରୁଜୁ ହୋଇଛି। ଦୁଇ ମୃତକଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟ ଜଣଙ୍କର ମିଳିପାରି ନାହିଁ। ମୃତକ ହେଲେ ସୋର ଥାନା ଅଞ୍ଚଳର ପଦ୍ମଲୋଚନ ମହାପାତ୍ର। ସୋରୋ ରେଳ ଷ୍ଟେଶନରେ ଟ୍ରେନରେ କଟି ତାଙ୍କର ମୃତ୍ୟୁ ହୋଇଛି। ସେହିପରି ଅନ୍ୟ ଜଣେ ମୃତକ ହେଲେ ଜଳେଶ୍ୱର ଥାନା ଅନ୍ତର୍ଗତ ନନ୍ଦିକା ଗ୍ରାମର ପ୍ରଫୁଲ୍ଲ କୁମାର ପ୍ରଧାନ। ଲକ୍ଷ୍ମଣ ନାଥ ରେଳ ଷ୍ଟେଶନ ଠାରେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହେଇଛି। ସେହିପରି ତାମୁଲିଆ ଫ୍ଲାଇ ଓଭର ବ୍ରିଜ ତଳେ ଟ୍ରେନରେ କଟି ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଛି।

### କରତକଲରେ ଚଢ଼ାଉ

ସୋର, ୬ା୭(ଜନ୍ମେଜୟ ମିଶ୍ର): ସୋର ବ୍ଲକ ବାଲଙ୍ଗ ପଞ୍ଚାୟତ ସିମୁଳିଆ ଗ୍ରାମରେ ଥିବା ଏକ ବେଆଇନ କରତକଲ ଉପରେ ଗୁରୁବାର ବନ ବିଭାଗ ଏବଂ ଭିଜିଲାନ୍ସ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ସହ ଯନ୍ତ୍ରାଂଶ ଜବତ କରିଛି। ଚାନ୍ଦିପୁର ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା, ଭିଜିଲାନ୍ସ ଏସିଏଫ୍ ତପନ କୁମାର ପରିଡା, ଭିଜିଲାନ୍ସ ଇନ୍ସପେକ୍ଟର ଉଲିପ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଧାମନଗର ବାଳିକା ହାଇସ୍କୁଲ ପରିସରରେ ଚାରାରୋପଣ

ଧାମନଗର,୬ା୭(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ)- ଭଦ୍ରକ ଜିଲା ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ନବଜୀବନ ଫାଉଣ୍ଡେଶନର ଓଡ଼ିଶା ଶାଖା ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାନର ଉଦ୍ୟୋକ୍ତା ଭରତ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତରଞ୍ଜନ ସେନାପତି, ଶିକ୍ଷୟିତ୍ରୀ ଶିକ୍ଷକ ସମୀର ଗୋସ୍ୱାମୀ, ମଞ୍ଜୁଶ୍ରୀ ଦାଶ, ସ୍ୱପ୍ନାରାଣୀ ସେଠୀ, ଉପଦେଷ୍ଟା ମାନସ ମହାପାତ୍ର, ସାମାଜିକ କର୍ମୀ ନରେଶ ରାଉତ, ଗୌରବ ଗୁପ୍ତା, ଦେବାଶିଷ ପଣ୍ଡା, ରଜନୀକାନ୍ତ ମିଶ୍ର, ଯୁବନେତା ସୁଶାନ୍ତ ମଲିକ, ଅଭୟ ପାତ୍ର, ଖବରଦାତା ବିବେକ ସାମଲଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ବିଶ୍ୱରେ ତାପମାତ୍ରା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଚାରାରୋପଣ ଏବଂ ତାହାର ରକ୍ଷଣାବେକ୍ଷଣ କରି ଜଙ୍ଗଲ ସୃଷ୍ଟି କରିପାରିଲେ ତାପମାତ୍ରା ନିୟନ୍ତ୍ରଣ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ସାମାଜିକ କର୍ମୀ ଶୁଭ୍ରାଂଶୁ ସାହୁ, ଶତ୍ରୁଘ୍ନ ସାହୁ, ଖବରଦାତା ସେକ ଜାଫୋର ଅଲ୍ଲୀ, ସନ୍ତୋଷ ମହାପାତ୍ର, ମାନଗୋବିନ୍ଦ ଜେନା, ମୃତ୍ୟୁଞ୍ଜୟ ସାହୁଙ୍କ ସମେତ ପ୍ରତିଷ୍ଠାନର ଉତ୍ତର ପୂର୍ବ ଭାରତ ମୁଖ୍ୟ ମାନସ ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

# ନୂଆ ରୂପ ନେଉଛି ବଡ଼ଘାଗରା

■ୱାଚ୍ ଟାୱାର, ଫୁଡ୍ ପ୍ଲାଜା ଲୋକଙ୍କୁ ଆକୃଷ୍ଟ କରିବ
■ଏନ୍‌ଏଚ୍ ୪୯ରୁ କେନ୍ଦ୍ରକୁ ରାସ୍ତା ନିର୍ମାଣ ହେବ

କେନ୍ଦୁଝର,୬ା୭(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାରେ ଅପୂର୍ବ ସୌନ୍ଦର୍ଯ୍ୟପୂର୍ଣ୍ଣ ପ୍ରାକୃତିକ ଜଳପ୍ରପାତ ମଧ୍ୟରୁ ବଡ଼ଘାଗରା ଅନ୍ୟତମ। ରାଜ୍ୟ ପ୍ରସିଦ୍ଧ ସାନଘାଗରା ଜଳପ୍ରପାତଠାରୁ ମାତ୍ର ୫ କି.ମି. ଦୂରରେ ଏବଂ ଜିଲା ମୁଖ୍ୟାଳୟଠାରୁ ୧୧ କି.ମି. ଦୂରରେ ବଣଜଙ୍ଗଲ ଘେରାରେ ଏହି ଜଳପ୍ରପାତ ରହିଛି। ଉପର ମୁଣ୍ଡରେ ସାନମାଛକାନ୍ଦଣା ନଦୀ, ତଳ ମୁଣ୍ଡରେ ସାନଘାଗରା ଜଳପ୍ରପାତ ରହିଛି। ସାନଘାଗରା ଜଳପ୍ରପାତ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପରେ ଏବେ ବଡ଼ଘାଗରାର ନବକଳେବର ହେଉଛି। ପର୍ଯ୍ୟଟନ ସ୍ଥଳକୁ ରାସ୍ତା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କଂକ୍ରିଟ ବେଞ୍ଚ, ଆଶ୍ରୟ ସ୍ଥଳୀ, ପାଥ୍ ୱେ ଆଦି ନିର୍ମାଣ ହୋଇଛି। ନୂତନ ପର୍ଯ୍ୟଟନ ଋତୁରେ ବଡ଼ଘାଗରା ନୂଆ ରୂପରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ।

ପ୍ରାୟ ସାଢ଼େ ୪ କୋଟି ଟଙ୍କା ବ୍ୟୟରେ ଏହି କେନ୍ଦ୍ରର ବିକାଶ କରାଯାଉଛି। ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ୱାଚ୍ ଟାୱାର, ପାହାଡ଼ ଚଢ଼ିବା ପାଇଁ କଂକ୍ରିଟ୍ ପାହାଚ, ଖାଦ୍ୟ ବିକ୍ରି କେନ୍ଦ୍ର (ଫୁଡ୍ ପ୍ଲାଜା), ପାର୍କିଂ ବ୍ୟବସ୍ଥା, ଟଏଲେଟ୍ କମ୍ପ୍ଲେକ୍ସ, ବିଭିନ୍ନ ସ୍ଥାନରେ ଭିୟୁ ପଏଣ୍ଟ, ନାଳ ପାର ହେବା ପାଇଁ ଏକାଧିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଛୋଟ ଛୋଟ ପୋଲ, ପାଣି ଭିତରେ ଠିଆ ହୋଇ ଜଳପ୍ରପାତ ଦେଖିବା ପାଇଁ ଜେଟି ବ୍ୟବସ୍ଥା, ବସିବା ପାଇଁ ବିଭିନ୍ନ ସ୍ଥାନରେ କଂକ୍ରିଟ ବେଞ୍ଚ, ଆଶ୍ରୟ ସ୍ଥଳୀ, ପାଥ୍ ୱେ ଆଦି ନିର୍ମାଣ ହୋଇଥିବା ସହ ବୃକ୍ଷରୋପଣ ଆଦି କରାଯାଉଛି। ଏହା ସହିତ ଆଉ ଏକ ବଡ଼ ୱାଚ୍ ଟାୱାର ନିର୍ମାଣ ହେବାର ଅଛି, ଯାହା ଉପରୁ ଦୂର ପର୍ଯ୍ୟନ୍ତ ବଣଜଙ୍ଗଲ, ଜଳଭଣ୍ଡାର, ନଦୀ ଆଦି ପ୍ରକୃତିରାଜିକୁ ପର୍ଯ୍ୟଟକମାନେ ଦେଖିପାରିବେ ବୋଲି ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି। ଏହା ନିକଟରେ ମନୋରମ ସାନମାଛକାନ୍ଦଣା ଜଳଭଣ୍ଡାର ରହିଛି। ପର୍ଯ୍ୟଟକମାନେ ଏଠାକୁ ବୁଲିବା ସହ ଭୋଜିଭାତ କରିବାକୁ ଆସିଥାଆନ୍ତି। ବହୁବର୍ଷ ଧରି ଏହା ଅବହେଳିତ ହୋଇ ରହିଥିବା ବେଳେ ଏବେ ଏହାକୁ ନୂଆରୂପ ଦିଆଯାଉଛି। ସାନମାଛକାନ୍ଦଣା ନଦୀର ଜଳ ପ୍ରାୟ ୬୦ ଫୁଟ ତଳକୁ ଖସି ଜଳପ୍ରପାତ ସୃଷ୍ଟି କରିବା ସହ ତଳକୁ ତଳକୁ ପ୍ରସ୍ତର ଖୋଲ ମଧ୍ୟଦେଇ ବୋହିଯାଉଛି। ଫଳରେ ଏହାର ସୌନ୍ଦର୍ଯ୍ୟ ଭିନ୍ନ ପରିବେଶ ସୃଷ୍ଟି କରେ, ଯାହାକି ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ତେବେ ଏଠାରେ ବହୁ ଆଗରୁ ଟରବାଇନ ଉପରେ ପାଇପ ଦ୍ୱାରା ଉଚ୍ଚରୁ ଜଳ ଛଡ଼ାଯାଇ ବିଦ୍ୟୁତ୍ ଉତ୍ପାଦନ ହେଉଥିଲା। ଏହାର ମଧ୍ୟ ପୁନରୁଦ୍ଧାର କରାଗଲେ ଆବଶ୍ୟକ ବିଦ୍ୟୁତ୍ ଯୋଗାଇବା ସହ ପାଖ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ହୋଇପାରିବ ବୋଲି ମତପ୍ରକାଶ ପାଉଛି। ଏନ୍‌ଏଚ ୪୯ରୁ ଏହି କେନ୍ଦ୍ରର ଦୂରତ୍ୱ ପ୍ରାୟ ୪ କି.ମି. ହେବ। ଏଣୁ କେନ୍ଦ୍ରକୁ ଯାଇଥିବା ରାସ୍ତାର ମଧ୍ୟ ନବୀକରଣ କାମ ଚାଲିଛି। ପ୍ରକୃତିପ୍ରେମୀ ଡକ୍ଟର ବିମ୍ବାଧର ବେହେରା କହିଛନ୍ତି, ବଡ଼ଘାଗରାର ସୌନ୍ଦର୍ଯ୍ୟକରଣ ହେଲେ ନିଶ୍ଚିତ ଭାବରେ ଅଧିକ ପର୍ଯ୍ୟଟକ ଆସିବେ ଏବଂ ଅଞ୍ଚଳର ବିକାଶ ହେବ। ସାନଘାଗରାରେ ଶୀତ ଋତୁରେ ବହୁ ପର୍ଯ୍ୟଟକ ଆସୁଥିବାରୁ ଅନେକ ବଡ଼ଘାଗରାକୁ ଯିବେ। ସେଠାରେ ଭିଡ଼ କମିବ। ରାସ୍ତାଠାରୁ ଦୂରରେ ଜଙ୍ଗଲାଞ୍ଚଳରେ ରହିଥିବା ଏହି ସ୍ଥାନର ଗୁରୁତ୍ୱ ବଢ଼ିବ ବୋଲି ସେ କହିଥିଲେ।



କେନ୍ଦୁଝର ଜିଲା ଯୋଡ଼ା ସୁନାନଦୀ ପୋଲ ଉପରେ ଅସରାଏ ବର୍ଷାରେ ଆଣ୍ଠୁଏ ଉପରେ ପାଣି ଜମିଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ସିପୁ



@ଏସ୍.କେ. ଅନୱର

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ବାଲି ବୋଝେଇ ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

କୋଡ଼ପଡ଼ା,୬ା୭(ରଞ୍ଜିତ୍ କୁମାର ରଣା)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ପଦ୍ମପୁର ବାଲି ଘାଟରୁ ବାଲି ବୋଝେଇ କରି ନେଉଥିବା ସମୟରେ ବୁଧବାର ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ବିରବଲ ଗ୍ରାମର ଜଗତା ମାଝୀ (୨୫)। ପଦ୍ମପୁର ବାଲିଘାଟରୁ ଏକ ଟ୍ରାକ୍ଟର ଦ୍ୱାରା ବାଲି ଚାଲାଣ କରୁଥିବା ବେଳେ ଏକ ହୁଡ଼ାରେ ଧକ୍କା ଦେଇ ଟାକ୍ଟର ଓଲଟି ପଡ଼ିଥିଲା। ଫଳରେ ଜଗତା ଟ୍ରାକ୍ଟର ତଳେ ଚାପିହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦପୁର ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଥିବା ଜଣାଯାଇଛି।

## ୫ ବାଲି ବୋଝେଇ ଟ୍ରାକ୍ଟର ଅଟକ

ରାଇବଣିଆ,୬ା୭(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ମାଗୁଣିଆପଡ଼ା ଗ୍ରାମବାସୀ ୫ ବାଲି ବୋଝେଇ ଟ୍ରାକ୍ଟର ଅଟକ ରଖିଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ବାଲି ବୋଝେଇ କରି ଦ୍ରୁତ ଗତିରେ ଆସୁଥିବା ସମୟରେ ଗ୍ରାମବାସୀ ଏହି ଟ୍ରାକ୍ଟରଗୁଡ଼ିକୁ ଅଟକାଇ ଥିଲେ। ଖବରପାଇ ଜଳେଶ୍ୱର ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ୬ ଜଣିଆ ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚି ଟ୍ରାକ୍ଟର ଗୁଡ଼ିକୁ ଜବତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଗ୍ରାମବାସୀ ବିରୋଧ କରିଥିଲେ। ଏନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

# ଅପରାଧୀଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ଆଦିବାସୀ ନାବାଳିକାଙ୍କୁ ହତ୍ୟା ଘଟଣା**

କରଞ୍ଜିଆ,୬ା୭(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଜୁନ୍ ୮ରେ ଅପହରଣର ୩ ଦିନ ପରେ ବୁଦାରୁ ଗଳିତ ମୃତଦେହ ମିଳିଥିଲା। ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ମାସେ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳତାକୁ ଦାୟୀ କରି ଗ୍ରାମବାସୀ ଥାନା ଘେରାଉ କରିଥିଲେ।

ପ୍ରକାଶ ଯେ, ଘଟଣାକୁ ନେଇ ବୁଧବାର ଗ୍ରାମ ପଡ଼ିଆରେ ମିଳିତ ଆଦିବାସୀ ମଞ୍ଚ ପକ୍ଷରୁ ସଭା ଆୟୋଜିତ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ବି ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ଅଭିଯୁକ୍ତ ଖୋଲାଖୋଲି ବୁଲୁଥିବା ନେଇ ସଭାରେ ପୋଲିସ ପ୍ରତି ଅସନ୍ତୋଷ ଜାହିର କରାଯାଇଥିଲା। ସଭା ନିଷ୍ପତ୍ତି ଅନୁଯାୟୀ, ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗୁରୁବାର ମଞ୍ଚ ସଭାପତି ପଦ୍ମଲୋଚନ ଗୁଡୁ ଓ ସମ୍ପାଦକ ରଞ୍ଜିତ ସଂଖୁଆଳଙ୍କ ନେତୃତ୍ୱରେ ଗ୍ରାମବାସୀ ଓ ମଞ୍ଚର ଶତାଧିକ ସଦସ୍ୟ କରଞ୍ଜିଆ ଥାନା ଘେରାଉ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ କଙ୍ଗାରୁ କୋର୍ଟ ମାଧ୍ୟମରେ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦିଆଯିବ। ମଞ୍ଚ ରାଜରାସ୍ତାକୁ ଓହ୍ଲାଇବା ସହ ଏଥିପାଇଁ ପୋଲିସ ଦାୟୀ ରହିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ଥିବା ଦେଖାଯାଇଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗୋଇ, ଆଇଆଇସି ସୁଚନ୍ଦ୍ର ମାହାଳିକ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ବାରିପଦାରେ ବ୍ୟବଚ୍ଛେଦ ହୋଇଥିଲା। ରିପୋର୍ଟ ମିଳିବାର ଅନ୍ୟୁନ ସପ୍ତାହେ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀ କହିବାରୁ ସେମାନେ ଆନ୍ଦୋଳନରୁ ହଟିଥିଲେ।




ଥାନା ଆଗରେ ଉତ୍ତେଜିତ ଗ୍ରାମବାସୀ।

# କେନ୍ଦୁଝର–ବାଦାମପାହାଡ଼ ରେଳ ଲାଇନ ପାଇଁ ସର୍ଭେ

ପାଟଣା,୬ା୭(ବୀର କିଶୋର ଦାଶ)

କେନ୍ଦୁଝର ଓ ମୟୂରଭଞ୍ଜ ଜିଲାକୁ ନୂତନ ରେଳପଥ ସଂଯୋଗ ହେବା ନେଇ ସର୍ଭେ ସରିଛି। ମୟୂରଭଞ୍ଜ ଜିଲା ବାଦାମପାହାଡ଼ଠାରୁ କେନ୍ଦୁଝର ଜିଲାକୁ ରେଲ ଲାଇନ୍ ସଂଯୋଗ ହେବା ନେଇ ଏକ ଟିମ ସର୍ଭେ କରିଛି। ଦୀର୍ଘ ବର୍ଷ ହେବ କେନ୍ଦୁଝରଠାରୁ ବାଦାମପାହାଡ଼କୁ ରେଳ ସଂଯୋଗୀକରଣ ପାଇଁ ଉଭୟ ଜିଲାବାସୀଙ୍କ ତରଫରୁ ଦାବି ହୋଇ ଆସୁଥିଲା। ସର୍ଭେ ରିପୋର୍ଟ ଆସନ୍ତା ଅଗଷ୍ଟ ୩୧ ରେ କେନ୍ଦ୍ରୀୟ ଟିମ୍ ରେଲୱେ ବୋର୍ଡ଼ରେ ଦାଖଲ କରିବା ନେଇ ଭାଇରାଲ ହେଉଥିବା ଚିଠିରେ ଉଲ୍ଲେଖ ରହିଛି। ଭାଇରାଲ ସର୍ଭେ ରିପୋର୍ଟ ଅନୁଯାୟୀ, କେନ୍ଦୁଝରଠାରୁ ବାଦାମପାହାଡ଼ ପର୍ଯ୍ୟନ୍ତ ୮୦ କିଲୋମିଟର ରାସ୍ତା ରହିଛି। ରେଳ ଲାଇନ ଗଲେ ୪୨୮.୧୯ ହେକ୍ଟର ଜମି ଆବଶ୍ୟକତା ରହିଥିବା ବେଳେ କେନ୍ଦୁଝରଠାରୁ ବାଦାମପାହାଡ଼ ମଧ୍ୟରେ ଏଥିରେ ୯ ମେଜର ପୋଲ ଏବଂ ୬୨ ମାଇନର ପୋଲ ଆବଶ୍ୟକ ପଡ଼ିବ ବୋଲି ଚିଠିରେ ଉଲ୍ଲେଖ ରହିଛି। କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ବୁଢ଼ୀକାପୁଡ଼ି, ଚେମେଣା, ବାଉଁଶୁଳି ଓ ଖିରେଇଟାଙ୍ଗୀରୀ ପଞ୍ଚାୟତ ଅଞ୍ଚଳ ଦେଇ ଏହି ରେଳ ଲାଇନ ଯିବ ବୋଲି ସର୍ଭେ ହୋଇଛି। ଏ ନେଇ ସାଉଥ ଇଷ୍ଟର୍ଣ୍ଣ ରେଲୱେର ପବ୍ଲିକ ରିଲେସନ ଅଫିସର ଆଦିତ୍ୟ କୁମାର ଚୌଧୁରୀ କହିଛନ୍ତି, ଏକ ଟିମ୍ ସର୍ଭେ ପାଇଁ ଗଠିତ ହୋଇଛି। ସର୍ଭେ କାର୍ଯ୍ୟ ଜାରି ରହିଛି, ତେଣୁ ଡିପିଆର ଆମର ହସ୍ତଗତ ହୋଇନାହିଁ। କଂଗ୍ରେସର ବରିଷ୍ଠ ନେତା ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ଇଂ ବିଦ୍ୟାଧର ଦାଶ କହିଛନ୍ତି, ଆଦିବାସୀ ଅଧୁଷିତ ଜସିପୁର, ରାଇରଙ୍ଗପୁର, କରଞ୍ଜିଆ, ସାହାରପଡ଼ା, ପାଟଣା ଓ ଘଟଗାଁ ଲୋକେ କିଭଳି ରାଜଧାନୀ ଭୁବନେଶ୍ୱର ଓ ଦିଲୀକୁ ଯାଇ ପାରିବେ ସେଭଳି ବ୍ୟବସ୍ଥା କରାଯାଉ। ବଦାମପାହାଡ଼ରୁ ଭାୟା କରଞ୍ଜିଆ, ସାହାରପଡା, ପାଟଣା ଓ ଘଟଗାଁ ଦେଇ ରେଳ ସଂଯୋଗର ବ୍ୟବସ୍ଥା ହେଉ। ବଦାମପାହାଡ଼ରୁ ଭାୟା କରଞ୍ଜିଆ, ସାହାରପଡା, ପାଟଣା ଓ ଘଟଗାଁ ଦେଇ ରେଳ ସଂଯୋଗର ବ୍ୟବସ୍ଥା ହେଉ। ଏହାର ପୁନର୍ବିଚାର କରି ଲୋକଙ୍କ ଦାବି ଓ ଭବାବେଗକୁ ସମ୍ମାନ ଦେଇ କେନ୍ଦ୍ର ସରକାର କର୍ଯ୍ୟ କରନ୍ତୁ ବୋଲି କହିଥିଲେ।

# ପୁଅର ସ୍ମୃତିରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇଲେ

ଖୁଣ୍ଟା,୬ା୭(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ଅଧୀନ ଡୁକୁରା ଅଞ୍ଚଳର ଶୁଭମ ବ୍ରହ୍ମ (୨୧)ଙ୍କ ୩ୟ ଶ୍ରାଦ୍ଧବାର୍ଷିକ ଅବସରରେ ମୃତକଙ୍କ ବାପା ଅଶୋକ ବ୍ରହ୍ମ ଓ ମାଆ କ୍ରିଷ୍ଣା ମହାପାତ୍ର ଖୁଣ୍ଟା–ବାରିପଦା ରାଜ୍ୟ ରାଜପଥର ଡୁକୁରା ଛକରେ ଷ୍ଟ୍ରିଟ୍ ଲାଇଟ୍ ପ୍ରଦାନ କରିଛନ୍ତି। ଏକମାତ୍ର ପୁତ୍ରର ସ୍ମୃତିରେ ପରିବାର ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଆଲୋକ ବ୍ୟବସ୍ଥାର ଲୋକାର୍ପିତ ଉତ୍ସବରେ ପଞ୍ଚାୟତର ସରପଞ୍ଚ ପାର୍ବତୀ ନାୟକ, ପୂର୍ବତନ ସମିତି ସଭ୍ୟ ସଞ୍ଜୟ ସାହୁ, କେଶବ ସାହୁ, ଡୁକୁରା କଲେଜର ଇଂରାଜୀ ବିଭାଗ ଅଧ୍ୟାପକ, ହାଇସ୍କୁଲର ପୂର୍ବତନ ଶିକ୍ଷକ ସହଦେବ ବେହେରା, ଡୁକୁରା ବଣିକ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ମୃତ ଶୁଭମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ସ୍ମୃତିଚାରଣ କରିବା ସହିତ ପରିବାରର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦୁଃଖଦ ସ୍ଥିତିରେ ଥିବା ବ୍ରହ୍ମଙ୍କ କହିବା ଅନୁଯାୟୀ ପୁଅର ଭବିଷ୍ୟତ ଗଢ଼ିବା ପାଇଁ ନିଶ୍ଚିତ ଭାବେ କିଛି ଅର୍ଥ ଖର୍ଚ୍ଚ ହୋଇଥାଆନ୍ତା। ତେଣୁ ତା' ଉଦ୍ଦେଶ୍ୟରେ ଖର୍ଚ୍ଚ କରିବାକୁ ଥିବା ଅର୍ଥ ସମାଜ କଲ୍ୟାଣ ଦିଗରେ ଲଗାଇବି ବୋଲି କହିଥିଲେ। ଉଲ୍ଲେଖ ଥାଉକି, ଶୁଭମ୍ ଗତ ୨୦୨୦ ଜୁଲାଇ ୫ ତାରିଖରେ ତାଙ୍କର କେତେକ ସାଙ୍ଗଙ୍କ ସହିତ ମିଶି ଆରିକୂଳ ଡ୍ୟାମ୍‌କୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ବୁଡ଼ି ମୃତ୍ୟୁବରଣ କରିଥିଲେ।



ନୂତନ ଷ୍ଟ୍ରିଟ୍ ଲାଇଟ୍ ନିକଟରେ ଅତିଥିମାନେ।

# କାର୍ଯ୍ୟସ୍ଥଳରେ ଫଳକ ଲାଗିବା ସହ ନିୟମିତ ହେବ କ୍ଷେତ୍ର ପରିଦର୍ଶନ

■ଧାମନଗର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟିର ପ୍ରଥମ ବୈଠକ
■ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ବିଧାୟକ

ଭଦ୍ରକ(ସନାତନ ରାଉତ)/ଧାମନଗର(ଦେବେନ୍ଦ୍ର ଆଦିଆ),୬ା୭

ବିଭିନ୍ନ ପ୍ରକଳ୍ପରେ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ସହ କାର୍ଯ୍ୟସ୍ଥଳରେ ଫଳକ ଲଗାଇବା, ଅଧିକାରୀ ଏବଂ ଯନ୍ତ୍ରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରନ୍ତୁ ବୋଲି ଭଦ୍ରକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଧାମନଗର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟିର ପ୍ରଥମ ବୈଠକରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର କମିଟିଅଧ୍ୟକ୍ଷ ତଥା ବିଧାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାଏକ, ଯୋଜନା ଓ ପରିଚାଳନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ତିହିଡ଼ି ବ୍ଲକ ଅଧକ୍ଷା ଅବନ୍ତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନମଣ୍ଡଳୀ ଅଧୀନ ସମସ୍ତ ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ନେଇ ବିଧାୟକ ସମୀକ୍ଷା କରି ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଛନ୍ତି। ରାସ୍ତା, ପୋଲ, ନଦୀବନ୍ଧ, ଜଳସେଚନ, ଜଳ ନିଷ୍କାସନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଆଦି ଯୋଜନାର କାର୍ଯ୍ୟାନ୍ୱୟନରେ ଅଗ୍ରଗତି ଓ ସଫଳତା ବିଷୟରେ ଆଲୋଚନା କରାଯାଇଥିଲା।

ବୈଠକରେ ସରପଞ୍ଚ ଏବଂ ସଦସ୍ୟମାନେ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଦାବି ଓ ଅଭିଯୋଗ ଉପସ୍ଥାପନ କରିଥିଲେ। ଧାମନଗର ବିଡିଓ ବନବିହାରୀ ଦିଣ୍ଡା, ତିହିଡ଼ି ବିଡିଓ ଜ୍ୟୋତିର୍ମୟ କରଙ୍କ ସମେତ ୨ ବ୍ଲକର ବିଭିନ୍ନ ଅଧିକାରୀ ଏବଂ ଯନ୍ତ୍ରୀ ନିଜ ବିଭାଗର ଯୋଜନା ଓ କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଯାଜପୁର ଜଳସେଚନ ଅଧୀନରେ ୨ଶହ କୋଟି ଟଙ୍କାରେ ନିର୍ମାଣାଧୀନ କୋଚିଲା ବୈତରଣୀ ବ୍ୟାରେଜ ଦ୍ୱାରା ଯାଜପୁରକୁ ଜଳସେଚନ ପାଇଁ ଓ ଧାମନଗରକୁ ବନ୍ୟାରେ ବୁଡ଼ିବାକୁ ଦିଆଯିବ ନାହିଁ ବୋଲି ବିଧାୟକ ରୋକ୍‌ଠୋକ୍ ଶୁଣାଇଥିଲେ। ଜିଲା ଯୋଜନା ବିଭାଗର ହରିହର ଭୁଇଁ, ଭୋଳାନାଥ ରାଉଳ, ଶୁଭ୍ରାଙ୍ଗିନୀ ବେହେରା, ରଶ୍ମିତା ପୃଷ୍ଟି, ଭଗବାନ ବାରିକ ପ୍ରମୁଖ ବୈଠକରେ ସହଯୋଗ କରିଥିଲେ।




ବୈଠକରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

# ଖଇରା–ଗନ୍ଧାଳି ରାସ୍ତା ଶୋଚନୀୟ

ଖଇରା,୬ା୭(ଉତ୍କଳବନ୍ଧୁ ପଣ୍ଡା)

ସୋର–କୁପାରୀ ରାଜ୍ୟ ରାଜପଥର ନଟାପଡା ଛକରୁ ନଟାପଡା ଗ୍ରାମ ଦେଇ ଗନ୍ଧାଳି ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଶୋଚନୀୟ ହୋଇ ପଡ଼ିଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ରାସ୍ତା ମରାମତି କରିବାକୁ ଜିଆଣିପଦା, ନଟାପଡା, କବିରପୁର, କାକୁଡିଆ, ଗନ୍ଧାଳି ଗ୍ରାମର ବାସିନ୍ଦାମାନେ ଦାବି କରିଛନ୍ତି। ଉକ୍ତ ରାସ୍ତାଟି ଖଇରା ଓ ଔପଦା ବ୍ଲକକୁ ସଂଯୋଗ କରୁଛି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହ ଶହ ଲୋକ ଯାତାୟାତ କରନ୍ତି। ରାସ୍ତାର ଅନେକ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା କାରଣରୁ ପ୍ରତି ମୁହୂର୍ତ୍ତରେ ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏହି ରାସ୍ତା ବ୍ୟବହାର କରି ପ୍ରତ୍ୟେକ ଦିନ ଖଇରା ସରସ୍ୱତୀ ଶିଶୁ ମନ୍ଦିର, ନଟପଡା ୟୁପି, ସାଇ ପବ୍ଲିକ, କାକୁଡିଆ ପ୍ରାଇମେରୀ, ଗନ୍ଧାଳି ପ୍ରାଇମେରୀ ସ୍କୁଲକୁ ଛାତ୍ରୀଛାତ୍ର ଶିକ୍ଷୟତ୍ରୀଶିକ୍ଷକ ଯାତାୟାତ କରିଥାନ୍ତି। ବିଶେଷ କରି ଜିଆଣିପଦା,ନଟାପଡା ଓ କାକୁଡିଆ ଛକ ନିକଟରେ ରାସ୍ତା ମୃତ୍ୟୁ ଯନ୍ତା ପାଲଟିଥିବାରୁ ପିଲାମାନେ ଖୁବ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି ।



ନଟାପଡ଼ା ନିକଟରେ ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

